# ପଦ୍ମ

କବି- ମଧୁସୂଦନ ରାଓ



ପ୍ରତିଷ୍ଠା ସାସମଲ୍



ଊନବିଂଶ ଶତାବ୍ଦୀରେ ଉତ୍କଳ ସାହିତ୍ୟରେ ଯେଉଁ କତିପୟ ନକ୍ଷତ୍ର ଉଜ୍ଜ୍ୱଳତମ ହୋଇ ପ୍ରତିଭାତ ହୋଇଥିଲେ ସେମାନଙ୍କ ମଧ୍ୟରୁ ଭକ୍ତ କବି ମଧୁସୂଦନ ରାଓ ଅନ୍ୟତମ ଥିଲେ।

କବିତାବଳୀ, ଛନ୍ଦମାଳା, କୁସୁମାଞ୍ଜଳି, ବସନ୍ତଗାଥା, ପ୍ରବନ୍ଧମାଳା, ବର୍ଣ୍ଣବୋଧ ଆଦି କୃତି ଓଡ଼ିଆ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ।

ପଦ୍ମ କବିତାଟି କବିଙ୍କ ଛନ୍ଦମାଳା ଦ୍ୱିତୀୟ ଭାଗ ଅନ୍ତର୍ଗତ ଏକ [illegible]।
ସୌନ୍ଦର୍ଯ୍ୟବୋଧ ସହିତ ଈଶ୍ୱରାନୁଭୂତି


ପଦ୍ମ ଫୁଲ କୋଟିଏ ସୌନ୍ଦର୍ଯ୍ୟରେ ପରିପୂର୍ଣ ହୋଇଛି। ଭଗବାନଙ୍କ
ଅମୃତମୟ ଶୃଷ୍ଟି ପଦ୍ମକୁ ଦେଖୁ, କବିଙ୍କ ହୃଦୟ ମଧ୍ୟ ଆନନ୍ଦରେ
ଅମୃତମୟ ହୋଇ ଉଠୁଛି।
ପୃଥିବୀର ଯେତେ ଶୋଭା ଅଛି, ପଦ୍ମ ମଧ୍ୟରେ
ସେସବୁ ପୁଞ୍ଜ ହୋଇ ରହିଛିଇ ଯେତେ ଭକ୍ତ ଓ
ପ୍ରେମିକ ଅଛନ୍ତି ସମସ୍ତଙ୍କ ଆଦର୍ଶ ହେଉଛି ପଦ୍ମ। ପଦ୍ମ
ମଧ୍ୟ ରେ କରୁଣା, ଭକ୍ତି ଓ ସ୍ନେହ ଥିବାରୁ କବିଙ୍କ ମନ
ସେହି ଭାବାପାଇଁ ଦର୍ଶନ କରିବାକୁ ବ୍ୟାକୁଳ
ହୋଇଉଠୁଛି।
କବିଙ୍କ ଆଶା, ଯେପରି ପଦ୍ମ ଫୁଲ ପଙ୍କରୁ ଜନ୍ମ ନେଇ ମଧ୍ୟ ସ୍ୱଚ୍ଛ, ସୁନ୍ଦର ଓ
ନିର୍ମଳ ଅଛି ସେପରି କବି ନିଜେ ସାଂସାରିକ ମୋହରେ ପଶି ମଧ୍ୟ ଭଗବାନଙ୍କର
ଆଶୀର୍ବାଦ ପଦ୍ମ ପରି ସ୍ୱଚ୍ଛ ଓ ଶୁଭ୍ର ହେବାକୁ ଚାହିଁଛନ୍ତି ଓ ମନୁଷ୍ୟ ଜଗତକୁ ପ୍ରେର୍ଣା
ଦେଉଛନ୍ତି।

ପଦ୍ମ ଫୁଲ ପଙ୍କରୁ ଶୃଷ୍ଟି ହୋଇ ମଧ ମନ ସ୍ୱଚ୍ଛ ଓ କର୍ମ ସୁନ୍ଦର କରିଥିବାରୁ ଲୋକପ୍ରିୟ। ସେହିପରି ମନୁଷ୍ୟ ନିଜକୁ ପଦ୍ମ ଭାବି କାର୍ଯ୍ୟ କଲେ ସଫଳ ହେବ ଏବଂ ସରସ ରହିବ।






# ଧନ୍ୟବାଦ

